# Gramin Krishi Mausam Seva
## India Meteorological Department
## Odisha University of Agriculture and Technology
## Bhubaneswar -751 003



***Dr. A. Baliarsingh***
***Nodal Officer***



ସପ୍ତାହ - ୨୨

ନ.- ୬୯୮ (ଓଡିଆ ବୁଲେଟିନ)
ତାରିଖ – ୦୨.୦୬.୨୦୨୦


(ସୌଜନ୍ୟ – ଓୟୁଏଟିସ୍ଥିତ କୃଷିପାଣିପାଗ ଉପବିଭାଗ ଓ ଓଡ଼ିଶା ସରକାରଙ୍କ କୃଷି ନିର୍ଦ୍ଦେଶାଳୟ, ପ୍ରାଣୀପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟ ଓ ମତ୍ସ୍ୟ ନିର୍ଦ୍ଦେଶାଳୟ)

## ବିଶେଷ ସୂଚନା

ଆସନ୍ତା ପାଁଚ ଦିନ  ମଧ୍ୟରେ ଉପକୂଳବର୍ତ୍ତୀ ଜିଲ୍ଲା ମାନଙ୍କରେ ଅଳ୍ପରୁ  ମଧ୍ୟମ ଧରଣର  ବର୍ଷା ସହ ତାପମାତ୍ରା ଅଧିକ ରହିବାର ସମ୍ଭାବନା ଅଛି. ତେଣୁ

- ବିଳମ୍ବ ରଆ ଖରାଟିଆ  ଧାନ ପାଚିଯାଇଥିଲେ ଯଥା ଶୀଘ୍ର ଅମଳ କରନ୍ତୁ | ନଚେତ୍ ଅଦିନିଆ ମେଘ ଓ ବର୍ଷା  ଓ ପବନ ଯୋଗୁଁ ଧନ ଫସଲ ନଷ୍ଟ ହୋଇଯାଇପାରେ  |
- ବିଳମ୍ବ ବୁଣା ଯାଇଥିବା ଖରାଟିଆ ମୁଗ ଓ ବିରି ଛଇଁ ପାକଳ ହୋଇୟାଇଥିଲେ ଉପର ବେଳା ଅଦିନିଆ ମେଘ , ବର୍ଷା ଓ ପବନରୁ ରକ୍ଷା ପାଇବା ପାଇଁ ଯଥା ଶୀଘ୍ର ଅମଳ କରି ଦିଅନ୍ତୁ  |
- ଜଳସେଚନ ନ କରି ବର୍ଷାକୁ ଅପେକ୍ଷା କରନ୍ତୁ |
- ତାପମାତ୍ରା ଅଧିକ ରହୁ ଥିବାରୁ ଆଖୁ ଫସଲରେ ସଅଳ କାଣ୍ଡବିନ୍ଧା ପୋକର ପ୍ରାଦୁର୍ଭାବ ଦେଖା ଯାଇଛି | ତେଣୁ ବର୍ଗମିଟର ପ୍ରତି ଶତକଡା 5 ଭାଗ ମଲାମଞ୍ଜି ଦେଖାଗଲେ, କୋଡାଖୁସା କରି ଏକର ପ୍ରତି 4 କି. ଗ୍ରା ଫୋରେଟ୍ କିମ୍ବା 12 କିଗ୍ରା କାର୍ବୋଫ୍ୟୁରାନ୍ କିମ୍ବା 10 କିଗ୍ରା କାର୍ଟାପ ଦାନାଦାର ଦେଇ ହୁଡା ଟେକି ଦିଅନ୍ତୁ  କିମ୍ବା ଏକର ପ୍ରତି 400 ମିଲି ମନୋକ୍ରୋଟୋଫସ୍ କିମ୍ବା  ଟ୍ରାୟୋଜୋଫସ୍  ବା ପ୍ରୋଫେନଫସ୍  200 ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ  |
- ବର୍ତ୍ତମାନ  ଦିନର ତାପମାତ୍ରା ବଢିବାର ସମ୍ଭାବନା ଥିବାରୁ ବାଇଗଣ ଓ ଟମାଟୋରେ ଝାଉଁଳାରୋଗର ପ୍ରାଦୁର୍ଭାବ ଦେଖା ଯାଇଛି | ଏହାର ଦମନ ପାଇଁ ପ୍ରତି 10  ଲିଟର ପାଣିରେ 1 ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍  ମିଶାଇ ମୂଳରେ ସିଂଚନ କରନ୍ତୁ |
- ବର୍ତ୍ତମାନ ପାଗରେ  କଖାରୁ ଓ କଳରାରେ ଫଳମାଛି ଲାଗିବାର ଦେଖାଯାଇଛି | ଏହାର  ଦମନ ପାଇଁ ପ୍ରତି ଲିଟର  ପାଣିରେ 2 ମିଲି ଏଣ୍ଡୋସଲ୍ଫାନ୍ କିମ୍ବା 3 ଗ୍ରାମ୍ କାର୍ବାରିଲ୍ ମିଶାଇ ସିଂଚନ କରନ୍ତୁ  |
- ବର୍ତ୍ତମାନ ପାଗରେ ଲଙ୍କା ଓ କ୍ୟାପ୍ସିକମ୍ ଫସଲରେ ଉକୁଣିଆ ପୋକ ଲାଗିବାର ଦେଖାଯାଇଛି   | ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ 1.5 ମିଲି ଇଥିଅନ୍ କିମ୍ବା  2 ମିଲି କାର୍ବୋସଲ୍ଫାନ୍ କିମ୍ବା କ୍ଲୋରୋପାଇରିଫସ୍  ମିଶାଇ ସିଂଚନ କରନ୍ତୁ  |

## ଖରାଟିଆ ଚାଷ

- କେତେକ ସ୍ଥାନରେ ପ୍ରାକ୍ ମୌସୁମୀ ବର୍ଷା ହୋଇଯାଇଥିବାରୁ ଜମିର ଅବସ୍ଥା ଦେଖି ଖରାଦିନିଆ ହଳ କରନ୍ତୁ | ଟ୍ରାକ୍ଟର କିମ୍ବା ପାୱାର ଟିଲରରେ ଚାଷ କଲେ ଗହୀର ଚାଷ ହେବା ସଙ୍ଗେ ସଙ୍ଗେ ମାଟି ଭଲଭାବରେ ତଳ ଉପର ହୋଇଥାଏ | ହଳ କରିବା ଦ୍ଵାରା ଜମିରୁ ବିଭିନ୍ନ ପ୍ରକାରର ଘାସ ଓ ମାଟି ଭିତରେ ଥିବା ପୋକର ଅଣ୍ଡା ଓ ଶୁକ ମଧ ନଷ୍ଟ ହୋଇଯାଆନ୍ତି | ମୁଖ୍ୟ ଫସଲରେ ରୋଗ ଓ ପୋକର ମାତ୍ରା କମିଯାଏ |

## ସମ୍ଭାବ୍ୟ ପଙ୍ଗପାଳ ଆକ୍ରମଣ ପାଇଁ କୃଷି ପରାମର୍ଶ

ବର୍ତ୍ତମାନ ପଙ୍ଗପାଳ ଦଳ ରାଜସ୍ଥାନ ଅତିକ୍ରମ କରି ମଧ୍ୟପ୍ରଦେଶରେ ପହଂଞ୍ଚି ଗଲେଣି । ତେଣୁ ସେମାନେ ଓଡ଼ିଶା ଆସିବାର ମଧ୍ୟ ସମ୍ଭାବନା ରହିଛି । ଏମାନଙ୍କ ଆକ୍ରମଣରୁ ଫସଲକୁ ସୁରକ୍ଷା ଦେବା ପାଇଁ ନିମ୍ନଲିଖିତ ପରାମର୍ଶଗୁଡ଼ିକୁ ଅବଲମ୍ବନ କରନ୍ତୁ ।

- ନିୟମିତ ଭାବରେ କୃଷି ପରାମର୍ଶ ଗୁଡ଼ିକୁ ଶୁଣି ସେହି ଅନୁସାରେ କାର୍ଯ୍ୟ କରନ୍ତୁ ।
- ଆମର ସୀମାବର୍ତ୍ତୀ ରାଜ୍ୟରେ ପଙ୍ଗପାଳ ଦଳ ପହିଂଚିଲେ ଆମ କ୍ଷେତରେ ଥିବା ଫସଲ ଉପରେ ପ୍ରତିଷେଧକ ବ୍ୟବସ୍ଥା ହିସାବରେ ୫ ପ୍ରତିଶତ ନିମ୍ବମଞ୍ଜି ଉଦ୍ଧୃତାଂଶ () ର ଦ୍ରବଣକୁ ଏକର ପ୍ରତି ୨୦୦ ଲିଟର ହିସାବରେ ଉପରବେଳା ସିଂଚନ କରନ୍ତୁ ।

- ଏହା ବଦଳରେ ବଜାରରେ ମିଳୁଥିବା ୩୦୦ ପିପିଏମର ନିମ୍ବ ଆଧାରିତ କୀଟବିଷକୁ ଏକର ପ୍ରତି ଏକ ଲିଟର ହିସାବରେ ୨୦୦ ଲିଟର ପାଣି ସହିତ ମିଶାଇ ଉପରବେଳା ସିଂଚନ କରାଯାଇପାରେ ।
- ପଙ୍ଗପାଳ ଦଳ ଫସଲ କିଆରୀରେ ପହଂଚି ଯାଇଥିଲେ, ସେଗୁଡିକୁ ବିଭିନ୍ନ ଉପାୟରେ ଯଥା ଟିଣ ବାଡେଇ, କଂଟାଯୁକ୍ତ ଡାଳରେ ପିଟି ଘଉଡାଇବାର ବ୍ୟବସ୍ଥା କରନ୍ତୁ ।
- ସଂନ୍ଧ୍ୟା ସମୟରେ ପଙ୍ଗପାଳ ବସିଥିବା ବଡ଼ ବଡ଼ ଗଛ ତଳେ ପଲିଥିନ୍ ଜରି ବିଛାଇ ଡାଳଗୁଡ଼ିକୁ ହଲାଇଦେଲେ, ସେମାନେ ଜରି ଉପରେ ଗଳିପଡ଼ିବେ । ସେଗୁଡ଼ିକୁ ସଂଗ୍ରହ କରି କିରୋସିନି ମିଶ୍ରିତ ପାଣିରେ ବୁଡ଼ାଇ ମାରି ଦିଅନ୍ତୁ ।
- ଏତଦ୍ ବ୍ୟତୀତ କୀଟମାନଙ୍କ ଦ୍ୱାରା ଆକ୍ରାନ୍ତ ଫସଲ ଉପରେ ଉପରୋକ୍ତ ନିମ୍ବ ଆଧାରିତ କୀଟନାଶକ ସିଂଚନ କରନ୍ତୁ । କିମ୍ବା ଏକର ପ୍ରତି ୪୦୦ ମି.ଲି. ପ୍ରୋଫେନୋଫସ୍ ୫୦ ଇ.ସି.କୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।

### ସବୁଜ ସାର

- ବର୍ତ୍ତମାନ ରାଜ୍ୟର ଅଧିକାଂଶ ଅଞ୍ଚଳରେ ବର୍ଷା ହୋଇଯାଇଛି | ସବୁଜସାର ବୁଣିବା ପାଇଁ ମାଟିର ବତର ଅନୁକୂଳ ଅଛି | ସବୁଜସାର ବ୍ୟବହାର କଲେ ମାଟିର ଉତ୍ପାଦନ କ୍ଷମତା ବଢ଼ିଥାଏ | ସାଧାରଣତଃ ଚାଷୀଭାଇମାନେ ଧାନଚାଷରେ ଅଧିକ ଅମଳପାଇଁ ଜମିରେ ରାସାୟନିକ ସାର ପ୍ରୟୋଗ କରିଥାନ୍ତି | କିନ୍ତୁ ଚାଷୀଭାଇମାନେ ମନେ ରଖିବା ଉଚିତ ଯେ ମାଟିର ଉର୍ବରତା ବଜାୟ ରଖିବାପାଇଁ ଆବଶ୍ୟକୀୟ ପରିମାଣର ଜୈବିକ ଖତ ଓ ସବୁଜ ସାର ମଧ ପ୍ରୟୋଗ କରିବା ନିହାତି ଆବଶ୍ୟକ | କଞ୍ଚା ଓ କଅଁଳ ସବୁଜ ଡ଼ାଳପତ୍ର ଇତ୍ୟାଦିକୁ ଜମିରେ ପ୍ରୟୋଗ କରି ମାଟିରେ ମିଶାଇ ଦେଲେ ତାହା ସଢ଼ିଯାଇ ଖତ ହୋଇଯାଏ | ଏହାକୁ ସବୁଜ ଖତ କୁହାଯାଏ |ସାଧାରଣତଃ ଧାନ ଜମିରେ ଧଣିଚା, ଛଣପଟ ଓ ବରଗୁଡ ଇତ୍ୟାଦି ଫସଲ ପୂର୍ବରୁ ସବୁଜ ଖତ ଫସଲ ହିସାବରେ ଚାଷ କରାଯାଏ | ସବୁଜ ଖତ ପାଇଁ ଫସଲକୁ କଢ ଧରିବା ପୂର୍ବରୁ ଚଷି ଦେବା ଆବଶ୍ୟକ |
- ଜମିକୁ ଚାଷ କରି ଏକର ପ୍ରତି 16 କିଗ୍ରା ଫସଫରସ୍ ଯୋଗାଇବାପାଇଁ ଆବଶ୍ୟକ ପରିମାଣର ସୁପର ଫସଫେଟ ସାର ଭଲଭାବେ ଉପଲବ୍ଧ ହୋଇଥାଏ ଓ ଫସଫେଟ ସାର ପ୍ରୟୋଗ ଦ୍ୱାରା ଶୀଘ୍ର ଚେର ବୃଦ୍ଧି ହୁଏ ଏବଂ ଶାକାଣୁ ଭାଡୁଡ଼ି ସୃଷ୍ଟି ହୋଇ ଅଧିକ ସଂଖ୍ୟକ ଗଛ ଉଠେ | ଧାନ ସହିତ ମିଶ୍ରିତ ଫସଲ ଭାବରେ ଖତ ଫସଲ ବୁଣାଯାଉଥିଲେ ଏକର ପ୍ରତି 6 କିଗ୍ରା ମଞ୍ଜି ଆବଶ୍ୟକ ହୋଇଥାଏ |
- ଏହାପରେ ଗହଳିଆ କରି ଏକର ପ୍ରତି 10 କିଗ୍ରା ହିସାବରେ ସବୁଜ ଖତ ଫସଲର ମଞ୍ଜି ବୁଣାଯାଏ | ବହଳିଆ ହୋଇ ଅଧିକ ସଂଖ୍ୟକ ଗଛ ଉଠେ | ଧାନ ସହିତ ମିଶ୍ରିତ ଫସଲ ଭାବରେ ଖତ ଫସଲ ବୁଣାଯାଉଥିଲେ ଏକର ପ୍ରତି 6 କିଗ୍ରା ମଞ୍ଜି ଆବଶ୍ୟକ ହୋଇଥାଏ |

## ଖରିଫ ଧାନ

- ପାଟ ଜମିରେ ବର୍ତ୍ତମାନ ଧାନ ବୁଣନ୍ତୁ ଓ ଖାଲ ଜମିରେ ଜୁନ୍ ପ୍ରଥମ ସପ୍ତାହ ସୁଦ୍ଧା ଧାନ ବୁଣା ଶେଷ କରନ୍ତୁ |
- ଜଳସେଚନର ସୁବିଧା ଥିବା ଜମିରେ ଖରିଫ ଋତୁ ପାଇଁ ତଳିଘରା ଜମି ପ୍ରସ୍ତୁତ କରନ୍ତୁ |
- ଏକ ଏକର ଜମି ରୋଇବାକୁ 10 ଡେସିମିଲି ଜମିରେ ତଳି ଘରା ଆବଶ୍ୟକ ହୋଇଥାଏ |
- ତଳି ଘରାକୁ ଭଲ ରପେ ଚାଷ କରି ଘାସ ବାଛି ମାଟି ଗୁମୁ କରନ୍ତୁ | 3 ଫୁଟ ଚଉଡା, 6 ଇଞ୍ଚ ଉଚା ଓ ସୁବିଧା ଅନୁସାରେ ଲମ୍ବାର ପଟି ତିଆରି କରନ୍ତୁ | ଦୁଇ ପଟି ମଝିରେ 1 ଫୁଟ ଓସାରର ଜଳ ସେଚନ ଓ ନିଷ୍କାସନ ପାଇଁ ନାଳ ରଖନ୍ତୁ |
- 10 ଡେସିମିଲି ତଳିଘାରେ 4 –ଝୁଡି ଗୋବର ଖତ 12 କିଗ୍ରା ସୁପର ଫସ୍ଫେଟ୍, ଓ 2 କିଗ୍ରା ପଟାସ ସାର ମାଟିରେ ମିଶାଇ ଦିଅନ୍ତୁ | 10 ଡେସିମିଲି ତଳିଘରାରେ 25 କିଗ୍ରା ବିହନ ଆବଶ୍ୟକ ହୋଇଥାଏ |
- ଖରିଫ ଧାନ ବୁଣିବା ପାଇଁ ଜମି ପ୍ରସ୍ତୁତ କରନ୍ତୁ ଓ ଆବଶ୍ୟକ ସ୍ଥଳେ ଜମି ସମତଳ କରି ହୁଡା ମରାମତି କରନ୍ତୁ |
- ବିଭାଗୀୟ ଧାନ ବୁଣିବା ପାଇଁ ଜମି ପ୍ରସ୍ତୁତ କରନ୍ତୁ ଓ ଆବଶ୍ୟକ ସ୍ଥଳେ ଜମି ସମତଳ କରି ହୁଡା ମରାମତି କରନ୍ତୁ |

  ଅତି ସଅଳ କିସମ - କଳିଙ୍ଗ-3

  ସଅଳ କିସମ - ଖଣ୍ଡଗିରୀ, ବନ୍ଦନା, ପଥରା, ପାରିଜାତ ଓ ଅନ୍ନଦା

  ମଧ୍ୟମ କିସମ - ଏମ୍.ଟି.ୟୁ-1001, ଏମ୍.ଟିୟୁ-1010, କୋଣାର୍କ, ଗଜପତି, ସୁରେନ୍ଦ୍ର ଓ ଲଲାଟ

  ବିଳମ୍ବ କିସମ - ସି.ଆର୍ – 1009, ସି.ଆର-1018, ସ୍ୱର୍ଣ୍ଣ (ଏମଟିୟୁ-7029). ପ୍ରତୀକ୍ଷା ଇନ୍ଦ୍ରାବତୀ, ମହାନଦୀ, ପୂଜା, ରାମଚଣ୍ଡୀ, କାଞ୍ଚନ, ସାରଳା, ଦୁର୍ଗା ଓ ଲୁଣିଶ୍ରୀ

- ଅତି ସରୁ କିସମ – ସି.ଆର-1014 ଓ ବି.ପି.ଟି – 5204

- নিজর জমির কিসমকু নেই উপযুক্ত কিসমর বিহন সংগ্রহ করন্তু।

## ଖରିଫ ଫସଲ ପାଇଁ ଯୋଜନା

- ବର୍ତ୍ତମାନ ଠାରୁ ନିଜ ଜମିର ପ୍ରକାର, ମାଟିର ଉର୍ବରତା, ସେଚଜଳର ସୁବିଧା ଓ ଅନ୍ୟାନ୍ୟ କୃଷି ସାମଗ୍ରୀ ଗୁଡିକର ଉପଲବ୍ଧତାକୁ ବିଚାରକୁ ନେଇ ଫସଲ ଯୋଜନା ପ୍ରସ୍ତୁତ କରନ୍ତୁ |
- ସର୍ବଦା ପ୍ରାମାଣିକ ବିହନ ବ୍ୟବହାର କରନ୍ତୁ ଓ ପ୍ରତି 3 ବର୍ଷରେ ବିହନକୁ ବଦଳାଇ ଦିଅନ୍ତୁ | ଉନ୍ନତ ମାନର ବିହନ ବ୍ୟବହାର ଦ୍ୱାରା ଅମଳ 15 ପ୍ରତିଶତ ବୃଦ୍ଧି ହୋଇପାରିବ |
- ଘରେ ସାଇତି ରଖିଥିବା ବିହନ ବ୍ୟବହାର କରିଥିଲେ ଗଜା ପରୀକ୍ଷା କରାଇ ଦିଅନ୍ତୁ |
- ଫସଲ ବୁଣିବା ପୂର୍ବରୁ ମାଟି ପରୀକ୍ଷା କରାଇ ଦିଅନ୍ତୁ |
- ବୃଷ୍ଟିପୁଷ୍ଟ ଢିପ ଜମିମାନଙ୍କରେ ଧାନ ପରିବର୍ତ୍ତେ ଅଧିକ ଅର୍ଥକରୀ ଅଣଧାନ ଫସଲ ଯଥା- ଡାଲି ଫସଲ, ତୈଳବିଜ ଫସଲ, କପା, ସୂର୍ଯ୍ୟମୁଖୀ, ପନିପରିବା ଆଦି ଏକକ ଫସଲ ଭାବେ ଅଥବା ମିଶ୍ରିତ ଫସଲ ଭାବେ ଚାଷ କରନ୍ତୁ |
- ଖାଲ ଜମିଗୁଡିକରେ ଅଧିକ ଘାସ ଦମନ ପାଇଁ ତୃଣନାଶକ ବ୍ୟବହାର କରନ୍ତୁ |

## ମାଟି ପରୀକ୍ଷା

- ମାଟି ପରୀକ୍ଷା ପାଇଁ ନମୁନା ସଂଗ୍ରହ ଠିକ୍ ଭାବେ ହେବା ଉଚିତ୍ |
- ଗୋଟିଏ ଏକର ଚକରୁ ଅନ୍ୟୁନ 5 ରୁ 6 ଟି ସ୍ଥାନରୁ ମାଟି ସଂଗ୍ରହ କରନ୍ତୁ |
- ମାଟି ସଂଗ୍ରହ କରିବା ପୂର୍ବରୁ ସ୍ଥିରିକୃତ ଜାଗାରୁ ଘାସଲତା ବାହାର କରନ୍ତୁ | ତାପରେ କୋଦାଳରେ ତେର୍ଛା ଭାବରେ ଚୋଟ ମାରି 6 ଇଞ୍ଚ ପର୍ଯ୍ୟନ୍ତ ଖୋଳନ୍ତୁ | ଖୁର୍ପି ସାହାଯ୍ୟରେ ସେହି ଖୋଳା ଜାଗାରୁ ପ୍ରାୟ ଅଧ କିଲୋଗ୍ରାମ୍ ପର୍ଯ୍ୟନ୍ତ ମାଟି ସଂଗ୍ରହ କରି ତାକୁ ଗୋଟିଏ ପଲିଥିନ କିମ୍ବା କନା ମୁଣାରେ ରଖନ୍ତୁ |
- ଏହିପରି ଭାବରେ 5 ରୁ 6 ଟି ଜାଗାରୁ ମୋଟ 2.5 ରୁ 3 କିଗ୍ରା ମାଟି ସଂଗ୍ରହ କରି ଏକତ୍ର ମିଶାଇ ଗୁଣ୍ଡ କରି ଛାଇରେ ଶୁଖାନ୍ତୁ |
- ସମସ୍ତ ଗୁଣ୍ଡ ମାଟିକୁ ଗୋଲାକାର ଭାବେ ଏକାଠି ରଖି 4 ଭାଗରେ ବିଭକ୍ତ କରି 2 ବିପରୀତ ଭାଗକୁ ବାହାର କରିଦିଅନ୍ତୁ | ଏହିପରି ମାଟିକୁ ଭାଗ ଭାଗ କରି 250 ରୁ 500 ଗ୍ରାମ୍ ପର୍ଯ୍ୟନ୍ତ ନମୁନା ମାଟି ସଂଗ୍ରହ କରି ପଲିଥିନ ମୁଣାରେ ରଖନ୍ତୁ |
- ନମୁନା ମାଟିରେ ମାଟି ସଂଗ୍ରହ କରାଯାଇଥିବା ଜମିର ବିବରଣୀ ପତ୍ର ଲେଖି ଏଥି ସହିତ ସଂଲଗ୍ନ କରି ପରୀକ୍ଷାଗାରକୁ ପଠାନ୍ତୁ |

## ମାଟି ସଂଗ୍ରହ ସମୟରେ ଯତ୍ନ

- ହିଡ କଡରୁ ନମୁନା ମାଟି ସଂଗ୍ରହ କରନ୍ତୁ ନାହିଁ |
- ଖତଗଦା ଜାଗାରୁ ନମୁନା ମାଟି ସଂଗ୍ରହ କରନ୍ତୁ ନାହିଁ |
- ଗଛ ଛାଇରୁ ବା ମୂଳରୁ ନମୁନା ସଂଗ୍ରହ କରନ୍ତୁ ନାହିଁ |
- ଜମିରେ ଫସଲ ଥିବା ଅବସ୍ଥାରେ ନମୁନା ସଂଗ୍ରହ କରନ୍ତୁ ନାହିଁ |
- ଓଦା ମାଟି ସଂଗ୍ରହ କରିଥିଲେ ତାକୁ ଛାଇରେ ଶୁଖାଇ ପରୀକ୍ଷାଗାରକୁ ପଠାନ୍ତୁ |

## ହଳଦୀ

- ଉଭୟ ମଇ ଓ ଜୁନ ମାସ ପର୍ଯ୍ୟନ୍ତ ହଳଦୀ ଲଗାଯାଇପାରିବ ।
- ରୋମା, ସୁରମା, ରଙ୍ଗ, ରଶ୍ମୀ ନାମରେ ଚାରୋଟି ହଳଦୀ କିସମ ଆମ ରାଜ୍ୟପାଇଁ ଉପଯୁକ୍ତ ।
- ଏକ ଏକର ପାଇଁ 8-10 କୁଇଣ୍ଟାଲ୍ ହଳଦୀ ଦରକାର ହୁଏ । ଏହି ଖଣ୍ଡ ଗୁଡିକୁ 2-3 ଟି ଆଖି ଥାଇ 20 ରୁ 25 ଗ୍ରାମ୍ ଓଜନର ହଳଦୀ ମୁଣ୍ଡା ଓ ଏଥିରୁ ବାହାରିଥିବା ପ୍ରଥମ ପୁଆ ବିହନ ଆକାରରେ ଲଗାନ୍ତୁ ।
- ଜମିକୁ ଗୁଣ୍ଡ ଚାଷ କରି ଏକ ମିଟର ଓସାର, 15 ସେମି ଉଚ୍ଚା ଓ ସୁବିଧା ଅନୁସାରେ ଲମ୍ବା ରଖି ପଟାଳୀମାନ କରନ୍ତୁ ।
- ଲଗାହେବା ପୂର୍ବରୁ ବିହନକୁ ଶତକଡା 0.25 ମଙ୍କୋଜେବ ଓ ଶତକଡା 0.15 କାର୍ବେଣ୍ଡାଜିମ୍ ଏବଂ ଶତକଡା 0.05 ମାଲାଥିଅନ୍ ମିଶ୍ରିତ ଔଷଧ ପାଣିରେ ଅଧ ଘଣ୍ଟାଏ ବୁଡାଇ ରଖି ବିଶୋଧନ କରନ୍ତୁ । ଏହାପରେ ବିହନକୁ ଛାଇରେ ଶୁଖାନ୍ତୁ ।
- ଶେଷ ଓଡ ଚାଷ ବେଳେ ଏକର ପ୍ରତି 10 ଗାଡି (5 ଟନ୍) ଗୋବର ଖତ ଦିଅନ୍ତୁ ଓ ଲଗାଇବା ପରେ ସିଆର ଓ ପଟାଳୀରେ 10 ଗାଡି ଗୋବର ଖତ ଦିଅନ୍ତୁ ।

- ହଳଦୀ ଲଗାଇବାବେଳେ ଏକ ଏକର ପ୍ରତି ଅନୁମୋଦିତ ସାରର (24 କିଗ୍ରା ଯବକ୍ଷାରଜାନ, 12 କିଗ୍ରା ଫସଫରସ ଓ 16 କିଗ୍ରା ପଟାସ ସାରକୁ ତିନି ଥରରେ ପ୍ରୟୋଗ କରନ୍ତୁ ।
- ଅଦା ଲଗାଇବାବେଳେ ଏକ ଏକର ପ୍ରତି ଅନୁମୋଦିତ ସାରର (50 କିଗ୍ରା ଯବକ୍ଷାରଜାନ, 40 କିଗ୍ରା ଫସଫରସ ଓ 40 କିଗ୍ରା ପଟାସ) ସାରକୁ ତିନି ଥରରେ ପ୍ରୟୋଗ କରନ୍ତୁ ।
- ମୂଳ ସାର ଭଲଭାବେ ପଟାଳୀର ଉପର ମାଟିରେ ମିଶେଇବା ପରେ ଅଦାକୁ ଧାଡିକୁ ଧାଡି 25 ସେମି ଦୁରତା ରଖି 5 ସମି ଗଭୀରରେ ଲଗାନ୍ତୁ ।
- ଅଦା ଲଗାଇବାପରେ ପଟାଳୀ ମାନଙ୍କରେ ଶୁଖିଲା ନଡା ଆଦିକୁ ମଲ୍ଚିଙ୍ଗ ରପେ ବ୍ୟବହାର କରନ୍ତୁ ।

## ଅଦା

- ମଇ ମାସ ପର୍ଯ୍ୟନ୍ତ  ଅଦା ଲଗାଯାଇପାରିବ |
- ସୁପ୍ରଭା, ସୁରୁଚି ଓ ସୁରଭି ନାମରେ ତିନୋଟି ଅଦା କିସମ ଆମ ରାଜ୍ୟପାଇଁ ଉପଯୁକ୍ତ |
- ଏକ ଏକର ପାଇଁ 6 ରୁ 8 କୁଇଣ୍ଟାଲ୍ ଅଦା ଦରକାର ହୁଏ | ଏହି ଖଣ୍ଡଗୁଡ଼ିକୁ 2-3 ଟି ଆଖି ଥାଇ 15 ରୁ 19 ଗ୍ରାମ୍ ଓଜନର ଅଦା ଖଣ୍ଡ ବିହନ ଆକାରରେ ଲଗାନ୍ତୁ |
- ଜମିକୁ ଗୁଣ୍ଡ ଚାଷ କରି ଏକ ମିଟର ଓସାର, 15 ସେମି ଉଚ୍ଚା ଓ ସୁବିଧା ଅନୁସାରେ ଲମ୍ବା ରଖି ପଟାଳୀମାନ କରନ୍ତୁ |
- ଲଗାହେବା ପୂର୍ବରୁ ବିହନକୁ ଶତକଡ଼ା 0.25 ମଙ୍କୋଜେବ ଓ ଶତକଡ଼ା 0.15 ଜାର୍ବେଣ୍ଡାଜିମ୍ ଏବଂ ଶତକଡ଼ା 0.05 ମାଲାଥିଅନ୍ ମିଶ୍ରିତ ଔଷଧ ପାଣିରେ ଅଧ ଘଣ୍ଟାଏ ବୁଡ଼ାଇ ରଖି ବିଶୋଧନ କରନ୍ତୁ | ଏହାପରେ ବିହନକୁ ଛାଇରେ ଶୁଖାନ୍ତୁ |
- ଶେଷ ଓଡ଼ ଚାଷ ବେଳେ ଏକର ପ୍ରତି 12 ଗାଡ଼ି (6 ଟନ୍) ଗୋବର ଖତ ଦିଅନ୍ତୁ ଓ ଲଗାଇବା ପରେ ସିଆର ଓ ପଟାଳୀରେ 12 ଗାଡ଼ି ଗୋବର ଖତ ଦିଅନ୍ତୁ |
- ଅଦା ଲଗାଇବାବେଳେ ଏକ ଏକର ପ୍ରତି ଅନୁମୋଦିତ ସାରର (50 କିଗ୍ରା ଯବକ୍ଷାରଜାନ, 40 କିଗ୍ରା ଫସଫରସ୍ ଓ 40 କିଗ୍ରା ପଟାସ୍) ସାରକୁ ତିନି ଥରରେ ପ୍ରୟୋଗ କରନ୍ତୁ |
- ମୂଳ ସାର ଭଲଭାବେ ପଟାଳୀର ଉପର ମାଟିରେ ମିଶେଇବା ପରେ ଅଦାକୁ ଧାଡ଼ିକୁ ଧାଡ଼ି 25 ସେମି ଦୂରତା ରଖି 5 ସେମି ଗଭୀରରେ ଲଗାନ୍ତୁ |
- ଅଦା ଲଗାଇବାପରେ ପଟାଳୀ ମାନଙ୍କରେ ଶୁଖିଲା ନଡ଼ା ଆଦିକୁ ମଲ୍ଚିଙ୍ଗ ରପେ ବ୍ୟବହାର କରନ୍ତୁ |

## ଭେଣ୍ଡି

- ବର୍ଷସାରା ଭେଣ୍ଡି ଲଗାଯାଇପାରେ |
- ଅତ୍ୟଧିକ ଖରା ହେଲେ କାଢ଼ ଝଡି ପଡ଼ିବାର ଆଶଙ୍କା ଅଛି |
- ଉନ୍ନତ କିସମ ବିହନ ଲଗାନ୍ତୁ | ଯଥା- ଉତ୍କଳ ଗୌରବ, ଅର୍କ ଅନାମିକା, ଉପହାର, ପର୍ବାଣୀ କ୍ରାନ୍ତି ଏବଂ ହାଇବ୍ରିଡ଼ କିସମ ଯଥା- ବର୍ଷା, ବିଜୟ, ବିଶାଳ, ତାରା, ଆଧୁନିକ, ଅତ୍ୟାଧୁନିକ, ସୁପ୍ରୀୟ ମଧ ଲଗାଯାଇପାରିବ |
- କିସମ ଅନୁସାରେ ଏକ ଏକର ପାଇଁ 5 ରୁ 6 କିଗ୍ରା ଉନ୍ନତ କିସମ ବିହନ ଓ 1250 ରୁ 1500 ଗ୍ରାମ୍ ଶଙ୍କର କିସମ ବିହନ ଦରକାର ହୁଏ |
- ଜମିକୁ ଗୁଣ୍ଡ ଚାଷ କରି ସମତୁଲ କରନ୍ତୁ |
- ଶେଷ ଓଡ଼ ଚାଷ ବେଳେ ଏକର ପ୍ରତି 10 ଗାଡ଼ି (5 ଟନ୍) ଗୋବର ଖତ ଦିଅନ୍ତୁ |
- ବିହନ ଲଗାଇବାବେଳେ ଏକ ଏକର ପ୍ରତି ଅନୁମୋଦିତ ସାର ଯଥା 45 କିଗ୍ରା ଯବକ୍ଷାରଜାନ, 25 କିଗ୍ରା ଫସଫରସ୍ ଓ 30 କିଗ୍ରା ପଟାସ୍ ସାର ଉନ୍ନତ କିସମ ପାଇଁ ଓ 80 କିଗ୍ରା ଯବକ୍ଷାରଜାନ, 40 କିଗ୍ରା ଫସଫରସ୍ ଓ 40 କିଗ୍ରା ପଟାସ୍ ସାର ଶଙ୍କର କିସମ ପାଇଁ ପ୍ରୟୋଗ କରନ୍ତୁ |
- ଧାଡ଼ିକୁ ଧାଡ଼ି 30 ସେମି ଓ ଗଛକୁ ଗଛ 30 ସେମି ବ୍ୟବଧାନରେ ଉନ୍ନତ କିସମ ବହନ ଓ ଧାଡ଼ିକୁ ଧାଡ଼ି 60 ସେମି ଓ ଗଛକୁ ଗଛ 45 ସେମି ବ୍ୟବଧାନରେ ଶଙ୍କର କିସମ ବିହନର ମଞ୍ଜିକୁ 3 ସେମି ଗଭୀରରେ ପୋତନ୍ତୁ |

## ଶଂଙ୍ଖ ସାରୁ

- ଲଗାଇବାର ଏକ ମାସପରେ 8 କି.ଗ୍ରା ଯବକ୍ଷାରଜାନ ଓ 8 କି.ଗ୍ରା ପଟାସ ଧାଡିର ଦୁଇ ପାଖରେ  ଦୁଇ ପାଖରେ ଦେଇ ମାଟି ଟେକି ଦିଅନ୍ତୁ |

## ଖମ୍ବଆଳୁ

- ଉଭୟ ମେ ଓ ଜୁନ୍ ମାସରେ ଖମ୍ବଆଳୁ ଲଗାଯାଏ |

- ଦେଶୀ ଆଳୁ – ଶ୍ରୀକୀର୍ତ୍ତି, ଶ୍ରୀରୁପା, ହାତୀଖୋଜ, ଛୋଟ ଖମ୍ବଆଳୁ – ଶ୍ରୀକଳା, ଧଳା ଖମ୍ବଆଳୁ-ଶ୍ରୀଶୁଭ୍ରା, ଶ୍ରୀପ୍ରିୟା, ଶ୍ରୀଧନ୍ୟା ଆଦି କିସମ ଆମ ରାଜ୍ୟପାଇଁ ଉପଯୁକ୍ତ |
- ଏକ ଏକର ଜମିପାଇଁ 8-10 କୁଇଣ୍ଟାଲ ଖମ୍ବଆଳୁ ଦରକାର ହୁଏ | ଏହି ଖଣ୍ଡ ଗୁଡିକ 150 ରୁ 200 ଗ୍ରାମ୍ ଓଜନର ମୁଣ୍ଡା ବିହନ ଆକାରରେ ଲଗାନ୍ତୁ |
- ଜମିକୁ ଗୁଣ୍ଡ ଚାଷ କରି ଧାଡିକୁ ଧାଡି ତିନି ଫୁଟ, ଗଛକୁ ଗଛ ତିନି ଫୁଟ ବ୍ୟବଧାନରେ ଗାତ ଖୋଳନ୍ତୁ |
- ଗୋବର ଖତ ଏବଂ ଜମି ଉପରର ଉର୍ବର ମାଟି ସମ ପରିମାଣରେ ମିଶାଇ ଗାତ ଗୁଡିକୁ ପୁରଣ କରନ୍ତୁ |
- ଏକ ଏକର ପ୍ରତି 32 କିଗ୍ରା ଯବକ୍ଷାରଜାନ, 24 କିଗ୍ରା ଫସଫରସ ଓ 32 କିଗ୍ରା ପଟାସ ସାର ପ୍ରୟୋଗ କରନ୍ତୁ | ଲଗାଇବାବେଳେ ସମୁଦାୟ ସୁପର ଫସଫେଟ ପ୍ରତି ମନ୍ଦାରେ ମାଟିତଳେ ପ୍ରୟୋଗ କରନ୍ତୁ | ମନ୍ଦାରେ ଖମ୍ବଆଳୁ ବିହନକୁ 5-10 ସେମି ଗଭୀରରେ ପୋତନ୍ତୁ |
- ମୌସୁମୀ ବର୍ଷା ଆରମ୍ଭ ପୂର୍ବରୁ ଖମ୍ବଆଳୁ ଲଗାହୋଇଥିଲେ ବିହନ ଲଗା ହେବାପରେ ମନ୍ଦାକୁ ଶୁଖିଲା ନଡା, ତାଳପତ୍ର ବା ଘାସ (ମଲଚିଂ) ଦେଇ ଘୋଡାଇ ଦିଅନ୍ତୁ |

## ଓଲୁଅ ଚାଷ

- ଜଳସେଚିତ ଓଲୁଆ ଫସଲ ଲଗାନ୍ତୁ ।
- ହାରାହାରୀ 400 ରୁ 600 ଗ୍ରାମ୍ ଛୋଟ ଛୋଟ ଗୋଟା ଓଲୁଅ ବିହନ ପାଇଁ ଉପଯୁକ୍ତ । ମାତ୍ର ବଡ ବଡ ଓଲୁଅକୁ ଛୁରୀ କିମ୍ବା କୌଣସ୍ ଧାରୁଆ ଅସ୍ତ୍ରର 400 ରୁ 600 ଗ୍ରାମ୍ ଓଜନର ଖଣ୍ଡ କାଟି ବିହନ ଆକାରରେ ବ୍ୟବହାର କରନ୍ତୁ ।
- ପ୍ରତି ବିହନ ଓଲୁଅ ଖଣ୍ଡରେ ଓଲୁଅ ଚୋପା ନିହାତି ଆବଶ୍ୟକ । କଞ୍ଚା ଗୋବର ଖତ ସହିତ କୀଟନାଶକ ମନୋକୋଟଫସ 0.05) ଏବଂ କବକନାଶକ (ମାଙ୍କୋଜେବ 0.2) ମିଶାଇ ଘୋଳକରି, ଘୋଳରେ ବିହନ ଖଣ୍ଡ ଗୁଡିକୁ କିଛି ସମୟ ବୁଡାଇ 4 ରୁ 6 ଘଣ୍ଟା ପର୍ଯ୍ୟନ୍ତ ଛାଇରେ ଶୁଖାଇଲେ ଅଧିକ ଅମଳ ମିଳେ ।
- ଜମିକୁ ଭଲଭାବରେ ଦୁଇରୁ ତିନି ଓଡ ଗଭୀର ଚାଷ କରି ମାଟି ଗୁଣ୍ଡକରି ସମତଳ କରନ୍ତୁ ।
- ଧାଡିକୁ ଧାଡି 90 ସେମି ଏବଂ ଗଛକୁ ଗଛ 90 ବ୍ୟବଧାନରେ 40 x 40x 40 ସେମି ଆକାରରେ ଗାତ ଖୋଳନ୍ତୁ । ଉର୍ବର ମାଟି ଏବଂ ଗୋବରଖତ ସମପରିମାଣରେ ମିସାଇ ଗାତର ଦୁଇତୃତୀୟାଂଶ ପୂରଣ କରନ୍ତୁ ।
- ପ୍ରତି ଗାତରେ ଗୋଟିଏ ଲେଖାଏଁ ବିହନ ଓଲୁଅ 4 ରୁ 6 ଇଞ୍ଚ ଗଭୀରରେ ସିଧାଭାବେ ପୋତନ୍ତୁ ।
- ଅଧିକ ଅମଳ ପାଇଁ ଓଲୁଅ ଲଗାଇବା ପରେ ଗାତ ଗୁଡିକ ଛଣ କିମ୍ବା ଶୁଖିଲା ପତ୍ର ଦ୍ୱାରା ଆଚ୍ଛାଦିତ କରନ୍ତୁ । ଉପଯୁକ୍ତ ଅମଳପାଇଁ ଏକର ପ୍ରତି 8-10 ଟନ୍ ଗୋବର ଖତ ଜମିରେ ଆବଶ୍ୟକ ।
- ଏକର ପ୍ରତି ଅନୁମୋଦିତ ସାରର (60 କିଗ୍ରା ଯବକ୍ଷାରଜାନ, 40 କିଗ୍ରା ଫସଫରସ ଓ 60 କିଗ୍ରା ପଟାସ ସାର) ଅଧା ଶତକଡା 25 ଭାଗ ଯବକ୍ଷାରଜାନ ଓ ପଟାସ ରାର ପ୍ରୟୋଗ କରନ୍ତୁ ।

## ପୋଟଳ

- ପୋଟଳ ଫୁଲଫଳ ଧରିବା ଅବସ୍ଥାକୁ ଆସିବା ବେଳକୁ ଜମିକୁ ଘାସୁଆ ରଖାଯିବା ଉଚିତ | କାରଣ ଘାସ ଜମିର ଆର୍ଦ୍ରତା ବଜାୟ ରଖିବାରେ ସାହାଯ୍ୟ କରେ ଓ ମାଟି ଉପରେ ମାଡୁଥିବା ଲତାର ଫଳକୁ ନିରାପଦରେ ଧରିରଖେ, ଏହାଦ୍ୱାରା ଫଳଗୁଡିକ ମାଟି ସଂସ୍ପର୍ଶରେ ଆସି ନଷ୍ଟ ହୁଏ ନାହିଁ |
- ଡେରିରେ ଲଗାଯାଇଥିବା ପୋଟଳରେ ଫୁଲ ଆସିବା ପୂର୍ବରୁ କୋଡାଖୁସା କରି ଅନୁମୋଦିତ ପ୍ରଣାଳୀରେ ପ୍ରୟୋଗ କରି ଜଳସେଚନ କରନ୍ତୁ |
- ତାପମାତ୍ରା ଅଧିକ ଥିବାଯୋଗୁଁ ପୋଟଳରେ କବକ ଜନିତ ଝାଉଁଳା ରୋଗ ଲାଗିବର ଦେଖାଯାଇଛି | ଏହାର ଦମନପାଇଂ ପ୍ରତି ଲିଟର ପାଣିରେ 1.5 ଗ୍ରାମ୍ କାର୍ବେଣ୍ଡାଜିମ୍ କିମ୍ବା ମେଟାଲାକ୍ସିଲ୍ ଓ ମାଙ୍କୋଜେବ ମିଶ୍ରଣରୁ 1 ଗ୍ରାମ୍ ହିସାବରେ ମିଶାଇ ମୂଳ ମାଟି ଭଲ ଭାବରେ ଭିଜାଇ ଦିଅନ୍ତୁ |

## ଶାଗ

- ଖଡା ଶାଗ ବର୍ଷର ବାରମାସ ଯାକ ଚାଷ କରାଯାଇପାରିବ |
- ପଂୋଇ ସବୁ ସମୟରେ ଚାଷ କରାଯାଇପାରିବ |
- ଶାଗ ଫସଲ ପାଇଁ ପ୍ରତି ସପ୍ତାହ ରେ ଥରେ ପାଣି ଦେବା ଦରକାର |
- ୨୫ ରୁ ୩୦ ଦିନ ଭିତରେ ଖଡା ଶାଗ ଅମଳ ପାଇଁ ଉପଯୁକ୍ତ ହୋଇଥାଏ |

## ସଜନା

- ❖ ପିକେଏମ -1, ପିକେଏମ -୨, ପୁନମୁରୁଙ୍ଗାଇ, କୋଡିକାଲ ମୁରୁଙ୍ଗାଇ ଆଦି ଉନ୍ନତ କିସମ ଚାଷ କରନ୍ତୁ |
- ❖ ଛୁଇଁବିନ୍ଧା ପୋକର ଦମନ ପାଇଁ ଏକର ପ୍ରତି କ୍ରୀୟାଶୀଳ ସାରପର ସେଥ୍ରୀନ୍ 15 ଦିନ ଅନ୍ତରରେ 2 ଥର ପ୍ରୟୋଗ କରନ୍ତୁ ।

## ରଜନୀଗନ୍ଧା

- ରଜନୀଗନ୍ଧା ଫେବୃଆରୀରୁ ମେ ମାସ ପର୍ଯ୍ୟନ୍ତ ଲଗାଯାଏ | କୋଲକାତା ସିଙ୍ଗଲ୍, ଶ୍ରୀଙ୍ଗାର, କୋଏମ୍ବାଟୁର ସିଙ୍ଗଲ ଓ ସୁହାସିନି (ଡବଲ) ଆଦି କିସମ ଲଗାନ୍ତୁ |
- ବୁଣିବା ପୂର୍ବରୁ ଅନୁମୋଦିତ ସାରର (ଏକର ପ୍ରତି ୫0 କିଗ୍ରା ଯବକ୍ଷାରଜାନ, ୫0 କିଗ୍ରା ଫସଫରସ ଓ ୫0 କିଗ୍ରା ପଟାସ ସାର) ର ଏକ ତୃତୀୟାଂଶ ଯବକ୍ଷାରଜାନ ଓ ସବୁତକ ଫସଫରସ ଓ ପଟାସ ସାର ପ୍ରୟୋଗ କରନ୍ତୁ |
- ଏକର ପ୍ରତି ପ୍ରାୟ 40,000 କନ୍ଦା ଆବଶ୍ୟକ ହୋଇଥାଏ | କନ୍ଦା ଗୁଡିକ 2.5 ସେମି ବ୍ୟାସ ବିଶିଷ୍ଟ ହୋଇଥିବା ଦରକାର | ଶୀତଳ ଭଣ୍ଡାରରେ 4-5 କିଗ୍ରା ସେଲସିଅସରେ ରହିଥିବା କନ୍ଦା ଗୁଡିକ ଭଲ ଗଜା ହୋଇଥାଏ |
- ସୂତ୍ରଜୀବପ୍ରବଣ ଅଞ୍ଚଳରେ ଲଗାଇବା ପୂର୍ବରୁ ଏକର ପ୍ରତି 160 କିଗ୍ରା ନିମ୍ନପିଡିଆ ପ୍ରୟୋଗ କରନ୍ତୁ |
- କନ୍ଦା ଗୁଡିକୁ ଲଗାଇବା ପୂର୍ବରୁ ଚେରଗୁଡିକୁ କାଟିଦିଅନ୍ତୁ | ଧାଡିକୁ ଧାଡି 30 ସେମି କନ୍ଦାକୁ କନ୍ଦାକୁ 30 ସେମି ବ୍ୟବଧାନରେ ଲଗାନ୍ତୁ |

## କଦଳୀ

- କବକ ଜନିତ ଝାଉଁଳା ରୋଗର ଦମନ ପାଇଁ ଆକ୍ରାନ୍ତ ଗଛକୁ ଉପାଡି ପୋଡି ଦିଅନ୍ତୁ ଏବଂ ମୂଳକୁ ପ୍ରତି ଲିଟର ପାଣିରେ 2 ଗ୍ରାମ୍ କାର୍ବେଣ୍ଡାଜିମ୍ ମିଶାଇ ସିଂଚନ କରନ୍ତୁ କିମ୍ବା ପ୍ରତି ଗଛ ମୂଳରେ 5 ଗ୍ରାମ୍ କାର୍ବେଣ୍ଡାଜିମ୍ ପୁଡିଆ କରି ରଖିଦିଅନ୍ତୁ ।
- ପତ୍ରଦାଗ ରୋଗର ଦମନ ପାଇଁ ଶତକଡା 0.05 ଭାଗ ପ୍ରୋପିକୋନାଜଲ୍ ସହିତ କେତେ ବୁନ୍ଦା ଟିପଲ ମିଶାଇ ସିଞ୍ଚନ କରନ୍ତୁ ।
- କଦଳୀରେ ଜଉପୋକ ଦେଖାଗଲେ ପ୍ରତି ଲିଟର ପାଣିରେ 2 ମିଲି ଡାଇମେଥୋଏଟ୍ ପ୍ରତି ପତ୍ରକୋଣରେ ପ୍ରୟୋଗ କରନ୍ତୁ ।
- ସୂତ୍ରଜୀବ ଦ୍ୱାରା ଆକ୍ରାନ୍ତ କଦଳୀ ଗଛ ଛୋଟ ହେବା ସହିତ ପତ୍ର ସଂଖ୍ୟା ବି କମି ଯାଇଥାଏ । ଏହାର ନିରାକରଣ ପାଇଁ ପ୍ରତି ଗଛ ମୂଳରେ 30 ଗ୍ରାମ୍ କାର୍ବୋଫୁରାନ୍ କିମ୍ବା 500 ଗ୍ରାମ୍ ନିମ ପିଡିଆ ପ୍ରୟୋଗ କରନ୍ତୁ ।

## କାଜୁ

- କାଜୁରେ କାଣ୍ଡ ଓ ଚେର ବିନ୍ଧା ପୋକର ଦମନ ପାଇଁ ଆକ୍ରାନ୍ତ ଅଞ୍ଚଳରୁ ଶତକଡା 50 ଭାଗ ବକଳ ଗୋଲେଇକରି ଛିଡାଇ ଦିଅନ୍ତୁ । ଏବଂ ପ୍ରତି ଟନେଲରେ ଏକ ମିଲି ମନୋକ୍ରୋଟସ (ଶତକଡା 0.05 ଭାଗ) ପ୍ରୟୋଗ କରନ୍ତୁ ।
- ଉକୁଣିଆ ପୋକର ଦମନ ପାଇଁ ପ୍ରତି ଲିଟର ପାଣିରେ 2 ମିଲି ମିଥାଇଲ୍ ଡିମେଟନ୍ ସିଞ୍ଚନ କରନ୍ତୁ ।
- ଗଛମୂଳରୁ 1 ମିଟର ବ୍ୟାସାର୍ଦ୍ଧ ପରିମିତ ଅଞ୍ଚଳରୁ ଅନାବନା ଘାସ ବାଛି ଦିଅନ୍ତୁ ।
- ଗଛ ପ୍ରତି 10-20 କିଗ୍ରା ଖତ, 750 ଗ୍ରାମ୍ ଯବକ୍ଷାରଜାନ, 125 ଗ୍ରାମ୍ ଫସଫରସ ଏବଂ 125 ଗ୍ରାମ୍ ପଟାସ ସାର ପ୍ରୟୋଗ କରନ୍ତୁ । ପ୍ରତି ଗଛରେ 20 ରୁ 25 ଲିଟର ପାଣି ଦିଅନ୍ତୁ ।

## ଅମୃତଭଣ୍ଡା

- ବର୍ତ୍ତମାନ ଅମୃତଭଣ୍ଡା ଲଗାଇବାର ପ୍ରକୃଷ୍ଟ ସମୟ |
- ହନିଡ୍ୟୁ, କୁର୍ଗ ହନି ଡ୍ୟୁ, କୋଏମ୍ବାଟୋର-1, କୋଏମ୍ବାଟୋର-2, ପୁଷା ଡେଲିସିଅସ, ପୁଷା ମେଜେଷ୍ଟିକ୍, ପୁଷା ଜାଏଣ୍ଟ ଆଦି କିସମ ଲଗାନ୍ତୁ |
- 2.5 x 2.5 ମି ଦୂରତାରେ 0.5 x 0.5 x 0.5 ମିଟର ଗାତକରି ଗଛ ଲଗାନ୍ତୁ | ବଳିଷ୍ଠ ଓ ନିରୋଗ ତଳି କିମ୍ବା ଟିସୁ କଲଚଲ ତଳି ଲଗାନ୍ତୁ |
- ରୋଇବା ବେଳେ ଗାତ ପ୍ରତି 2 ଝୁଡି କମ୍ପୋଷ୍ଟ ଦେଇ ଲଗାନ୍ତୁ | ଏହା ସହିତ 400 ଗ୍ରାମ୍ ସିଏଏନ୍, 250 ଗ୍ରାମ୍ ଓ 300 ଗ୍ରାମ୍ ଏମ୍.ଓ.ପି ସାର ପ୍ରୟୋଗ କରନ୍ତୁ |

## ପନିପରିବା

- ■ ଦିନର ଅଧିକ ତାପମାତ୍ରା ଥିବା ଯୋଗୁଁ ବାଇଗଣରେ ଫଳପଚା ରୋଗ ହେବାର ସମ୍ଭାବନା ଅଛି | ଏହାର ଦମନ ପାଇଁ ପ୍ରତି 10 ଲିଟର ପାଣିରେ 1 ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ମିଶାଇ ଗଛ ମୂଳରେ ସିଂଚନ କରନ୍ତୁ |
- ■ ଦିନର ଅଧିକ ତାପମାତ୍ରା ଥିବା ଯୋଗୁଁ ବାଇଗଣରେ ଝାଉଁଳା ରୋଗ ହେବାର ସମ୍ଭାବନା ଅଛି | ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ 3 ଗ୍ରାମ୍ ଇଣ୍ଡୋଫିଲ୍ –ଏମ୍ 45 କିମ୍ବା 1.5 ଗ୍ରାମ୍ ଟପ୍ସିନ୍-ଏମ୍ ମିଶାଇ ସିଂଚନ କରନ୍ତୁ |

- ବର୍ତ୍ତମାନ ପାଗରେ ଲଙ୍କା ଏବଂ କାପ୍ସିକମ୍ ଫସଲରେ ଉକୁଣିଆ ପୋକ ଲାଗିବାର ଦେଖାଯାଇଛି | ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ 300 ମିଲି ଇଥିଅନ୍ କିମ୍ବା 400 ମିଲି କାର୍ବୋସଲଫାନ୍ କିମ୍ବା କ୍ଲୋରୋପାଇରିଫସ୍ କିମ୍ବା ଟ୍ରାୟୋଜୋଫସ ମିଶାଇ ସିଞ୍ଚନ କରନ୍ତୁ |
- ବର୍ତ୍ତମାନ ପାଗରେ ବାଇଗଣରେ ଫଳ ଓ କାଣ୍ଡ ବିନ୍ଧା ପୋକ ଲାଗିବାର ଦେଖାଯାଇଛି | 20,000 ଟ୍ରାଇକୋଗ୍ରାମା ପରାଶ୍ରୟୀ କୀଟ ଛାଡନ୍ତୁ କିମ୍ବା 300 ପିପିଏମ୍ ନିମ୍ବ ଜାତ କୀଟନାଶକ ବିଷକୁ ଏକର ପ୍ରତି 1 ଲିଟର ହିସାବରେ ପ୍ରୟୋଗ କରନ୍ତୁ | ଏହା ଛଡା ଏହି ପୋକର ଦମନ ପାଇଁ ସଙ୍ଗ ଏକର ପ୍ରତି 5ଟି ସଙ୍ଗ ଆକର୍ଷକ ଯନ୍ତା ବସାନ୍ତୁ |
- କଖାରୁ ଓ କଲରାରେ ଫଳମାଛି ଲାଗିବାର ଦେଖାଯାଇଛି | ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ 2 ମିଲି ଏଣ୍ଡୋସଲ୍ଫାନ କିମ୍ବା 3 ଗ୍ରାମ୍ କାର୍ବାରିଲ୍ ମିଶାଇ ସିଂଚନ କରନ୍ତୁ | କଖାରୁ ଲଗାଇବାବେଳେ ମନ୍ଦାରେ କ୍ଲୋରୋପାଇରିଫସ୍ ଗୁଣ୍ଡ ପ୍ରୟୋଗ କରନ୍ତୁ |
- ପୋଟଳ ଫୁଲଫଳ ଧରିବା ଅବସ୍ଥାକୁ ଆସିବା ବେଳକୁ ଜମିକୁ ଘାସୁଆ ରଖାଯିବା ଉଚିତ | କାରଣ ଘାସ ଜମିର ଆର୍ଦ୍ରତା ବଜାୟ ରଖିବାରେ ସାହାଯ୍ୟ କରେ ଓ ମାଟି ଉପରେ ମାଡିଥିବା ଲତାର ଫଳକୁ ନିରାପଦରେ ଧରିରଖେତ, ଏହାଦ୍ଵାରା ଫଳଗୁଡିକ ମାଟି ସଂସ୍ପର୍ଶରେ ଆସି ନଷ୍ଟ ହୁଏ ନାହିଁ |

## ପଶୁ ସମ୍ପଦ

- ଗାଈଗୋରୁଙ୍କୁ ଚରିବାକୁ ଛାଡିବା ପୂର୍ବରୁ ଯଥେଷ୍ଟ ପିଇବା ପାଣି ଓ ପେଜ ତୋରାଣି ପିଇବାକୁ ଦିଅନ୍ତୁ |
- ସେମାନଙ୍କୁ ବଡି ସକାଳୁ କିମ୍ବା ବିଳମ୍ବ ଅପରାହ୍ଣରେ ଚରିବାକୁ ଛାଡନ୍ତୁ | ଗଛ ଛାଇଥିବା ସ୍ଥାନ ମାନଙ୍କରେ ଚରିବାକୁ ଛାଡନ୍ତୁ |
- ଗର୍ଭିଣୀ ଗାଈ ବା ଛଡାକୁ ଦୈନିକ 30 ରୁ 50 ଗ୍ରାମ୍ ଧାତବ ଲବଣ ମିଶ୍ରିତ ଭିଟାମିନ ଗୁଣ୍ଡ ଖାଇବାକୁ ଦିଅନ୍ତୁ |
- ଗାଈଗୋରୁଙ୍କୁ ଦୈନିକ ଖାଦ୍ୟରେ 50 ଗ୍ରାମ୍ ଲୁଣ ମିଶାଇ ଦିଅନ୍ତୁ |
- ଘରର ସମସ୍ତ ପରିବା ଚୋପା ଓ ରୋଷେଇ ଘରର ବର୍ଜ୍ୟ ପଦାର୍ଥକୁ ବାହାରେ ନ ଫୋପାଡି ଗାଇଗୋରୁଙ୍କୁ ଖାଇବାକୁ ଦିଅନ୍ତୁ |
- ଗାଇଗୋରୁଙ୍କୁ ପ୍ରତିଦିନ ଥରେ କିମ୍ବା ଆବଶ୍ୟକ ସ୍ଥଳେ ଦୁଇ ଥର ଗାଧୋଇ ଦିଅନ୍ତୁ |
- ଗାଇଗୋରୁଙ୍କୁ ପାଇଁ ଆଜୋଲା ଚାଷ କରନ୍ତୁ | ଅର୍ଥାତ୍ ଆଜୋଲାକୁ ଗୋଖାଦ୍ୟ ରପେ ବ୍ୟବହାର କରନ୍ତୁ |
- ୟୁରିା ମିଶ୍ରିତ ନଡା ଉପଚାର କରି ଗାଇଗୋରୁଙ୍କୁ ଖାଇବାକୁ ଦିଅନ୍ତୁ |
- ଖରାଦିନେ ଗାଇଗୋରୁଙ୍କର ପିଇବା ପାଣି ପ୍ରତି ଧ୍ୟାନ ଦିଅନ୍ତୁ |
- କୁକୁଡା ଘର ଓ ଗୁହାଳ ଘର ଗୁଡିକୁ ଛାଇ କରିବା ପାଇଁ ଛାତରେ କଞ୍ଚା ଡାଳ ଥିବା ନଡିଆ ବାହୁଙ୍ଗା,ଜାମୁଡାଳ ଆଚ୍ଛାଦନ କରି ଚାଇ କରନ୍ତୁ |
- କୁକୁଡାଘର ବା ଗୁହାଳର ଝରକା ଗୁଡିକୁ ଅଖା ଦ୍ଵାରା ଘୋଡାଇ ଦିଅନ୍ତୁ ଓ ମଝିରେ ମଝିରେ ପାଣି ସିଞ୍ଚନ କରନ୍ତୁ |
- ଗାଈଗୋରୁଙ୍କର ଉତ୍ତମ ସ୍ଵାସ୍ଥ୍ୟ ପାଇଁ ଗୁହାଳରେ ପାଣି ଜମିବାକୁ ଦିଅନ୍ତୁ ନାହିଁ |
- କ୍ଷୀର ଦେବା ଗାଈଙ୍କୁ (2 ଲିଟର) ଏକ କିଗ୍ରା ଦାନା ସହିତ 50 ଗ୍ରାମ୍ ଖଣିଜ ଲବଣ ଦିଅନ୍ତୁ |
- <u>ଗୋଖାଦ୍ୟ ଚାହିଦା ମେଣ୍ଟାଇବା ପାଇଁ ଆଜୋଲା ଚାଷ କରନ୍ତୁ |</u>
  - ପ୍ରତି ଆଜୋଲା ପିଟ୍ ପାଇଁ 2 ମିଟର ଲମ୍ବା, 2 ମିଟର ଚଉଡାର ଏକ କ୍ଷେତ୍ର ପ୍ରସ୍ତୁତ କରନ୍ତୁ |
  - ଆଜୋଲା ଚାଷ କରିଥିଲେ ପ୍ରତି ପିଟ୍ ରୁ ଦୈନିକ ଅଧାକେଜି ରୁ ଏକ କେଜି ପର୍ଯ୍ୟନ୍ତ ଆଜୋଲା ଅମଳ କରି ଗାଇଗୋରୁଙ୍କୁ ଖାଇବାକୁ ଦିଅନ୍ତୁ |
  - ନଡାର ସୁବିଧା ଥିଲେ ପିଡିଆ ମିଶ୍ରିତ ନଡା ଉପଚାର କରନ୍ତୁ | ଏଥିପାଇଁ ଆବଶ୍ୟକ ଉପାଦାନ ହେଲା ୟୁରିଆ 4 କେଜି, ପାଣି 50 ଲିଟର, ଓ ନଡା 100 କେଜି |ପିଡିଆମିଶ୍ରିତ ନଡା ଉପଚାରକୁ ଗର୍ଭ ଗାଈ ଓ ବାଛରୀଙ୍କୁ ଛାଜି ପଡିଆ ଗାଈ ଓ ଦୁଧିଆଳୀ ଗାଈଙ୍କୁ ଖାଇବାକୁ ଦିଅନ୍ତୁ |
  - ଗୃହପାଳିତ ପ୍ରାଣୀ ମାନଙ୍କୁ ଡାକ୍ତରଙ୍କ ପରାମର୍ଶକ୍ରମେ ପ୍ରତିଷେଧକ ଟୀକା ଦିଅନ୍ତୁ |
  - ଗାଈ ବା ଛଡା ଗରମ ଆସିବାର 12 ଘଣ୍ଟାରୁ 15 ଘଣ୍ଟା ମଧ୍ୟରେ କୃତ୍ରିମ ପ୍ରଜନନ କରାନ୍ତୁ |

**ଅନୁପମା ବଳିୟାରସିଂହ**
**ନୋଡାଲ୍ ଅଫିସର,**
**ଗ୍ରାମୀଣ କୃଷି ମୌସମ ସେବା,ଓ.ୟୁ.ଏ.ଟି**

**ଅଧ୍ୟକ୍ଷ, ଗବେଷଣା ନିର୍ଦ୍ଦେଶାଳୟ,**
**ଓଡ଼ିଶା କୃଷି ଓ ବୈଷୟିକ ବିଶ୍ଵବିଦ୍ୟାଳୟ**